# ODM PUBLIC SCHOOL

**SESSION :10**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ବ୍ୟାକରଣ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

**ଅଧ୍ୟୟନର ଉଦ୍ଦେଶ୍ୟ –**

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ,ବିଭିନ୍ନ ଋତୁ ଓ ମାସ ବିଷୟରେ  ସୂଚନା ଦେବା ।



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।



: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?



: ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା' ପାଖରେ ବସୁ ।



: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?



: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

## ୧୧। ଆସ ଗାଇବା, ଓଡ଼ିଆ ମାସ ଓ ଋତୁମାନଙ୍କୁ ଲେଖିବା ।

ODM EDUCATIONAL GROUP

ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ,
ପ୍ରଚଣ୍ଡ ରୌଦ୍ର ପରକାଶ ।



ବର୍ଷାରେ ଆଷାଢ଼ ଶ୍ରାବଣ
ମେଘ ବରଷେ ଘନଘନ ।



ଭାଦ୍ର ଆଶ୍ୱିନ ଶରତରେ,
ନିର୍ମଳ ଶୋଭା ଜଗତରେ ।



ହିମେ କାର୍ତ୍ତିକ ମାର୍ଗଶିର,
ରାତିରେ ପଡ଼ଇ ଶିଶିର ।



ଶୀତରେ ପୌଷ ମାଘମାସ,
ଦେହରେ ରଖ ଶୀତବାସ ।



ଫାଲଗୁନ୍ ଚୈତ୍ର ବସନ୍ତରେ,
ମୃଦୁ ମଳୟ ମନ ହରେ ।



ବାରମାସର କଥା ଏଇ
ହେଜ ବାଳକେ ମନ ଦେଇ ।

– ମଧୁସୂଦନ ରାଓ



PATHAGARA.ODIA By OdiaPortal.IN

# ବ୍ୟାକରଣ-ଲିଙ୍ଗ ପରିବର୍ତ୍ତନ

ଅଜା –

ଦାଦା –

ବାଘ –

ଠାକୁର -

ଛାତ୍ର-

ବାଳକ -

ଶିକ୍ଷକ -



# ବ୍ୟାକରଣ-ଲିଙ୍ଗ ପରିବର୍ତ୍ତନ

ଅଜା – ଆଈ

ଦାଦା – ଖୁଡୀ

ବାଘ – ବାଘୁଣୀ

ଠାକୁର - ଠାକୁରାଣୀ

ଛାତ୍ର - ଛାତ୍ରୀ

ବାଲକ – ବାଲିକା

ଶିକ୍ଷକ - ଶିକ୍ଷୟିତ୍ରୀ



# ବ୍ୟାକରଣ-ପ୍ରତିଶବ୍ଦ

ଅଗ୍ନି – ଅନଳ ,ନିଆଁ ,

ଆଖି –ଚକ୍ଷୁ ,ନୟନ,

ହାତୀ –ହସ୍ତୀ ,ଗଜ,

ହାତ –ହସ୍ତ ,କର ,

ପୃଥିବୀ –ଧରଣୀ ,ଧରା

ପଦ୍ମ-ପଙ୍କଜ,କମଳ

ଆକାଶ –ଗଗନ ,ନଭ



# ବ୍ୟାକରଣ-ପ୍ରତିଶବ୍ଦ

ଫୁଲ – କୁସୁମ ,ପୁଷ୍ପ

ସୂର୍ଯ୍ୟ – ତପନ ,ରବି

ଜହ୍ନ – ଶଶୀ,ଚନ୍ଦ୍ର

ପର୍ବତ -ଗିରି ,ଶୈଳ

ପାଣି- ଜଳ,ନୀର,

ସମୁଦ୍ର-ସାଗର,ସିନ୍ଧୁ

ନଦୀ-ନଈ,ତଟିନୀ

ଗଛ- ବୃକ୍ଷ ,ତରୁ



# ଅନୁଚ୍ଛେଦ ପଢି ପ୍ରଶ୍ନ ଉତ୍ତର ଦିଅ |

- ପୁଣି କେବେ ବର୍ଷା ହେବ  ?
- ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ |ବର୍ଷାଦିନ ତୋତେ କିପରି ଲାଗେ  ?
- ଛି,ଚାରିଆଡେ କାଦୁଅ ପଚପଚ |ବେଳେ ବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ |ଝଡିବର୍ଷା ହେଲେ ଖେଳିପାରେ ନାହିଁ |ନଈବଢି ହୁଏ ସ୍କୁଲ ଯିବାକୁ ଅସୁବିଧା |କାଗଜଡଙ୍ଗା ଭସାଏ,କିନ୍ତୁ ବେଶୀଭଲ ଲାଗେ ନାହିଁ |

# ପ୍ରଶ୍ନ ଉତ୍ତର କୁହ

ODM EDUCATIONAL GROUP
Changing your Tomorrow

କ-କେଉଁ ଋତୁରେ ଅଂଶୁଘାତ ହୋଇଥାଏ ?

ଖ-ବର୍ଷକ କେତେ ମାସ ଓ କେତୋଟି ଋତୁ ହୋଇଥାଏ ?

ଗ-ଯଦି ମୋଟେ ବର୍ଷା ହେବନାହିଁ,ତାହେଲେ କି ପ୍ରକାର ଅସୁବିଧା ହେବ ?

# ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ ।



ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର
ଅଭିବୃଦ୍ଧି ଘଟିବ ।



# THANKING YOU

# ODM EDUCATIONAL GROUP